# ତଟିନୀର ଖେଦ

କବି:ଡକ୍ଟର ମହେଶ୍ୱର ମହାନ୍ତି
ଶ୍ରେଣୀ:ସପ୍ତମ
ଦ୍ୱିତୀୟ ଦିନ

ODM EDUCATIONAL GROUP
Changing your Tomorrow
CHANGING YOUR TOMORROW

# SUB-CONCEPTS:ନଦୀର ଦୁଃଖ କଥା ।

## ପୂର୍ବପାଠ୍ୟର ଆଲୋଚନା:

- ମହାନଦୀର ଦୁଇଟି ଶାଖା ନଦୀର ନାମ ଲେଖ ?
- 'ତଟିନୀର ଖେଦ' କବିତାର କବି କିଏ ?
- ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ କେଉଁଠି ?



# କବିତା ଆଲୋଚନା:

ଲଙ୍ଘି ବନ୍ଧୁର ଗିରି କାନନ ବୁକୁ ଚିରି
ଝରଇ ଝର ଝର ତଟିନୀ,
ମଧୁର କଳ କଳ ଗୀତରେ ଛଳ ଛଳ
ଜୀବନ-ପଥେ କେବେ ହଟିନୀ ।

କେତେ ନଗର,ଗ୍ରାମ ଘନ ବନାନୀ
ଶ୍ୟାମ
ହରିତ କ୍ଷେତ ଆଉ ପ୍ରାନ୍ତର,
ସୁଦୂର ପଥ ଭ୍ରମି ଯାଏ ସେ ଅତିକ୍ରମି
ନ ହୋଇ ଶ୍ରମେ ତିଳେ କାତର ।

କହିଲା ଦିନେ ନଦୀ,"ଶୁଣ ଗୋ
ମହୋଦଧି
ଶୁଣ ମୋ'ଜୀବନର କଷଣ,
ମାନବ ଶିଶୁ ଆଜି ଘୋର ଦାନବ
ସାଜି
ହରିଛି ମୋର ସବୁ ଭୂଷଣ ।

- ଗିରିକନ୍ୟା ତଟିନୀ ପର୍ବତ କନ୍ଦରରୁ ଜନ୍ମଲାଭ କରି ନିମ୍ନକୁ ବହିଆସେ । ପାହାଡିଆ ଅରଣ୍ୟ ପଥ ଅତିକ୍ରମ କରି ସେ କଳ କଳ ନାଦ କରି ବହି ଆସେ ସମତଳଭୂମିକୁ । ଚଲା ପଥରେ ନାନା ବାଧାବିଘ୍ନ ଅତିକ୍ରମ କରି ଲକ୍ଷ୍ୟ ପଥରେ ସେ ନିମ୍ନ ଭୂମିକୁ ଗଡିଚାଲେ ।
- ସମତଳ ଭୂମିରେ ବହି ଯାଉଥିବା ବେଳେ କେତେ କେତେ ଗ୍ରାମ,ସହର,ଶସ୍ୟକ୍ଷେତ,ସବୁଜ ପ୍ରାନ୍ତର ଆଦି ତାକୁ ଅତିକ୍ରମ କରିବାକୁ ପଡେ । ଏତେ ଦୂର ପଥ ଅତିକ୍ରମ କଲେ ବି ସେ କେବେ କ୍ଳାନ୍ତି ପ୍ରକଟ କରେ ନି କି ପରିଶ୍ରମ ପ୍ରତି କାତରତା ପ୍ରକାଶ କରେନି ।
- ନଦୀର ଲକ୍ଷ୍ୟ ସ୍ଥଳ ହେଉଛି ସାଗର । ସାଗରରେ ମିଶିବା ପାଇଁ ସେ ସୁଦୂର ପଥ ଅତିକ୍ରମ କରି ଚାଲିଥାଏ । ସାଗର ଉପକୂଳରେ ପହଞ୍ଚି ନଦୀ ତା' ଜୀବନର ଦୁଃଖ ବଖାଣିଛି ।ମାନବ ଜାତି ବିରୋଧରେ ତା'ର ଅଭିଯୋଗ । ଅବୋଧ ଶିଶୁ ପରି ମଣିଷ ତା'ର ସମସ୍ତ ଶୋଭା ନଷ୍ଟ କରି ଚାଲିଛି ।

# କଠିନ ଶବ୍ଦର ଅର୍ଥ:

ବନ୍ଧୁର-ଖାଲଢିପ,ଆବଡାଖାବଡା
ତଟିନୀ-ନଦୀ
ଲଙ୍ଘି-ଅତିକ୍ରମ କରି
ଖେଦ-ଦୁଃଖ
ଘନ-ଗହଳ
ବନାନୀ-ଅରଣ୍ୟ
ଶ୍ୟାମ-ସବୁଜ
ହରିତ-ପତ୍ରର ବର୍ଣ୍ଣ
ପ୍ରାନ୍ତର-ପଡିଆ
ଭ୍ରମି-ଭ୍ରମଣ କରି
ମହୋଦଧି-ସମୁଦ୍ର
କଷଣ-କଷ୍ଟ
ଭୂଷଣ-ସୁନ୍ଦର,ଅଳଙ୍କାର ଅର୍ଥରେ

ODM EDUCATIONAL GROUP
Changing your Tomorrow

ODM EDUCATIONAL GROUP
Changing your Tomorrow

**ବିପରୀତ ଶବ୍ଦ:**

ପଥ-ଅପଥ

ଦାନବ-ଦେବତା/ମାନବ

**ପ୍ରତିଶବ୍ଦ:**

ତଟିନୀ-ନଦୀ,ସରିତ

ମହୋଦଧି-ସାଗର,ସରିତ

ଜଳ-ବାରି,ପାଣି

**ଗଦ୍ୟରୂପ :**

କଷଣ-କଷ୍ଟ

ODM EDUCATIONAL GROUP

Changing your Tomorrow

# ଗୃହକର୍ମ:

## ମହାନଦୀକୁ ନେଇ ଏକ ଅନୁଚ୍ଛେଦ ଲେଖ ।

# THANKING YOU

# ODM EDUCATIONAL GROUP